# REGIONAL NEWS UNIT, AIR CUTTACK

## Mid-day Bulletin (4.00PM)

### 15 May - 2024

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟର ଚତୁର୍ଥ ତଥା ଶେଷ ପର୍ଯ୍ୟାୟ ନିର୍ବାଚନ ଲାଗି ପ୍ରାର୍ଥିପତ୍ର ଯାଞ୍ଚ ପ୍ରକ୍ରିୟା ଜାରି
- ରାଜ୍ୟରେ ଜୋର୍ ଧରିଲା ନିର୍ବାଚନ ପ୍ରଚାର; ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ସନ୍ଧ୍ୟାରେ କଟକରେ କରିବେ ରୋଡ୍ ସୋ’

– ରାଉରକେଲାରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଚାର

- ମତଦାତାଙ୍କୁ ନିଜ ବୁଥ୍ ସମ୍ପର୍କରେ ତଥ୍ୟ ପ୍ରଦାନ ଲାଗି ଉଦ୍ଦିଷ୍ଟ ମୋ ବୁଥ୍ ଆପ୍‌ର ହେଲା ଶୁଭାରମ୍ଭ
- ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଡମ୍ବରୁଧର ଉଲାକାଙ୍କ ପରଲୋକ

ଏବଂ

- ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ରାଜ୍ୟରେ ଆସନ୍ତା ଦୁଇ ଦିନ ପରେ ବୃଦ୍ଧି ପାଇବ ତାପମାତ୍ରା

***Desk***

## ପ୍ରାର୍ଥିପତ୍ର ଯାଞ୍ଚ

ରାଜ୍ୟର ଚତୁର୍ଥ ତଥା ଶେଷ ପର୍ଯ୍ୟାୟ ନିର୍ବାଚନ ଲାଗି ଆଜି ପ୍ରାର୍ଥିପତ୍ର ଯାଞ୍ଚ ପ୍ରକ୍ରିୟା ଜାରି ରହିଛି । ଏହି ପର୍ଯ୍ୟାୟରେ ୬ଟି ସଂସଦୀୟ କ୍ଷେତ୍ର ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା ଓ ଜଗତ୍ସିଂହପୁର ଏବଂ ଏହା ଅଧୀନରେ ଥିବା ୪୨ଟି ବିଧାନସଭା ଆସନ ପାଇଁ ଜୁନ୍ ମାସ ୧ ତାରିଖରେ ଭୋଟ୍ଗ୍ରହଣ ହେବ । ଆସନ୍ତା ଶୁକ୍ରବାର ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିବସ ଧାର୍ଯ୍ୟ ହୋଇଛି ।

***Desk***

## ନିର୍ବାଚନୀ ପ୍ରଚାର

ରାଜ୍ୟର ୪ଟି ଲୋକସଭା ଆସନ ବ୍ରହ୍ମପୁର, ନବରଙ୍ଗପୁର, କୋରାପୁଟ ଏବଂ କଳାହାଣ୍ଡିକୁ ଛାଡିଦେଲେ ଅନ୍ୟ ସମସ୍ତ ସ୍ଥାନ ଗୁଡ଼ିକରେ ନିର୍ବାଚନୀ ପ୍ରଚାର ସରଗରମ ହୋଇଉଠିଛି । ବିଭିନ୍ନ ରାଜନୈତିକ ଦଳର ପୁରୁଖା ନେତାମାନେ ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର ଲାଗି ଓଡ଼ିଶା ଆସୁଛନ୍ତି । ଏହି କ୍ରମରେ ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏହି ଅଳ୍ପ ସମୟ ପୂର୍ବରୁ ଭୁବନେଶ୍ୱରରେ ପହଁଞ୍ଚିଛନ୍ତି । ଶ୍ରୀ ଶାହା ଆଜି କଟକଠାରେ ଦଳପକ୍ଷରୁ ଆୟୋଜିତ ଏକ ରୋଡ୍ ଶୋ'ରେ

ଭାଗନେବେ। ସେହିପରି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା ଆଜି ଓଡ଼ିଶା ଗସ୍ତରେ ଆସି ଦଳୀୟ ପ୍ରାର୍ଥୀଙ୍କ ନିମନ୍ତେ ନିର୍ବାଚନ ପ୍ରଚାରରେ ଯୋଗଦେବେ । ଆଜି ଭୁବନେଶ୍ୱରରେ ଦଳପକ୍ଷରୁ ଆୟୋଜନ ହେବାକୁ ଥିବା ଏକ କର୍ମଶାଳାରେ ଯୋଗଦେବା ସହିତ ଆସନ୍ତାକାଲି ବରଗଡ, ପଦ୍ମପୁର, ସୁନ୍ଦରଗଡଠାରେ ଦଳୀୟ ନିର୍ବାଚନ ପ୍ରଚାର କାର୍ଯ୍ୟକ୍ରମରେ ଯୋଗଦେବେ ।

ଅନ୍ୟପକ୍ଷରେ କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀ ଆଜି ଓଡ଼ିଶା ଗସ୍ତରେ ଆସି ବଲାଙ୍ଗୀରଠାରେ ଏକ ଜନସଭାରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନ ପ୍ରଚାର କରିଛନ୍ତି। ଆସନ୍ତାକାଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ମଧ୍ୟ କନ୍ଧମାଳ ଜିଲ୍ଲା ଏବଂ ଭୁବନେଶ୍ୱରଠାରେ ନିର୍ବାଚନୀ ସଭାରେ ଯୋଗଦେବେ ।

***Desk***

## ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଉରକେଲା ଗସ୍ତରେ ଯାଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି। ଏଥିରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ରାଜ୍ୟ ସରକାର ସ୍ୱାସ୍ଥ୍ୟ, ଶିକ୍ଷା, ମହିଳା ଓ ଶିଶୁବିକାଶ, ଗମନଗମନ ପାଇଁ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ଯାହାର ସୁଫଳ ରାଜ୍ୟବାସୀ ପାଉଛନ୍ତି। ଆଗାମୀ ଦିନ ଗୁଡ଼ିକରେ

ରାଜ୍ୟବାସୀଙ୍କ ପାଇଁ ବହୁ କଲ୍ୟାଣକାରୀ ଯୋଜନା ପ୍ରଚଳନ କରାଯିବ ବୋଲି ସେ ଏହି ଅବସରରେ ପ୍ରତିଶ୍ରୁତି ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଆସନ୍ତାକାଲି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୁବନେଶ୍ୱରରେ ଏକ ରୋଡ୍ ସୋ'ରେ ଅଂଶଗ୍ରହଣ କରିବେ ।

## ନିର୍ବାଚନ-ଭଦ୍ରକ

ରାଜ୍ୟର ଚତୁର୍ଥ ତଥା ଶେଷ ପର୍ଯ୍ୟାୟ ମତଦାନରେ ଆସନ୍ତା ଜୁନ୍ ମାସ ୧ ତାରିଖରେ ଭଦ୍ରକ ଲୋକସଭା ଆସନ ଏବଂ ଏହା ଅନ୍ତର୍ଗତ ୫ଟି ବିଧାନସଭା ଆସନ ପାଇଁ ମତଗ୍ରହଣ କରାଯିବ । ଏହି ନିର୍ବାଚନ ସ୍ଥିତି ନେଇ ଆମ ଭଦ୍ରକ ସମ୍ବାଦଦାତା **ଅଶୋକ କୁମାର ନାୟକ**ଙ୍କ ରିପୋର୍ଟ....

**- V/O –**

***Desk***

## ମୋ ବୁଥ୍ ଆପ୍

ନିଜ ବୁଥ୍ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିବା ଲାଗି 'ମୋ ବୁଥ୍' ଆପ୍‌ର ପ୍ରଚଳନ କରାଯାଇଛି । ଏହା ମାଧ୍ୟମରେ ଭୋଟରେ ସେମାନଙ୍କର ବୁଥ୍‌ର ସ୍ଥିତି ଏବଂ ମତଗ୍ରହଣ ସମୟରେ ବୁଥ୍‌ରେ ଉପସ୍ଥିତ ଥିବା ଭୋଟର ସଂଖ୍ୟା ସମ୍ପର୍କରେ ମଧ୍ୟ ଅବଗତ ହୋଇପାରିବେ । ଏହି ଆପ୍ ମାଧ୍ୟମରେ ବୁଥ୍‌ସ୍ତରୀୟ ଅଧିକାରୀମାନେ ମତଦାନ କେନ୍ଦ୍ର ସମ୍ପର୍କିତ

ତଥ୍ୟ ପ୍ରଦାନ କରିବେ। ସେହିଭଳି ବିଭିନ୍ନ କ୍ଷେତ୍ର ଅଧିକାରୀମାନେ ଏହି ଆପ୍ ମାଧ୍ୟମରେ ମତଦାନ କେନ୍ଦ୍ରରେ ପୁଲିଂ ପାର୍ଟିଙ୍କ ପହଁଞ୍ଚିବା ନେଇ ସୂଚନା। ମକ୍ ପୁଲ ଏବଂ ମତଦାନର ସଦ୍ୟତମ ସ୍ଥିତି ଏବଂ ପୁଲିଂ ପାର୍ଟିର ପ୍ରସ୍ଥାନ ସମ୍ପର୍କୀୟ ତଥ୍ୟ ପ୍ରଦାନ କରିବେ। ଜିଲ୍ଲାସ୍ତରୀୟ ଏବଂ କ୍ଷେତ୍ରୀୟ ଅଧିକାରୀମାନେ ଏକ କେନ୍ଦ୍ରୀୟ ଡ୍ୟାସବୋର୍ଡ ମାଧ୍ୟମରେ ଏହି ତଥ୍ୟ ପ୍ରଦାନ କରିବେ।

ଖୋର୍ଦ୍ଧା ଜିଲ୍ଲାରେ ଭୋଟରମାନଙ୍କ ପାଇଁ ଉଦ୍ଦିଷ୍ଟ ମୋ ବୁଥ୍ ଆପ୍‌କୁ ରାଜ୍ୟ ନିର୍ବାଚନ କମିଶନ ନିକୁଞ୍ଜ ବିହାରୀ ଧଳ ଆଜି ଉନ୍ମୋଚିତ କରିଛନ୍ତି। ଖୋର୍ଦ୍ଧା ଜିଲ୍ଲାର ସବୁ ନିର୍ବାଚନ ମଣ୍ଡଳୀ ପାଇଁ ଏହି ଆପ୍ କାର୍ଯ୍ୟ କରିବ। ମତଦାତାମାନେ ଭୁବେନେଶ୍ୱରରେ ପୁଲିଂ ବୁଥ୍ ଲୋକେସନ ଏହି ଆପ୍ ଏବଂ ଗୁଗୁଲ ମ୍ୟାପ୍ ମାଧ୍ୟମରେ ସହଜରେ ଜାଣିପାରିବେ। ସେହିଭଳି ଇଭିଏମ୍‌ରେ ଯାନ୍ତ୍ରିକ ତ୍ରୁଟି, ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ମଧ୍ୟ ଏଥିରେ କ୍ଷେତ୍ରୀୟ ଅଧିକାରୀମାନେ ସୂଚନା ପ୍ରଦାନ କରିପାରିବେ। ଫଳରେ ସମୟପୋଯୋଗୀ ପଦକ୍ଷେପ ଗ୍ରହଣ କରାଯାଇପାରିବ ବୋଲି ଶ୍ରୀ ଧଳ ସୂଚନା ଦେଇଛନ୍ତି।

***Desk***

## ପୂର୍ବତନ ମନ୍ତ୍ରୀଙ୍କ ବିୟୋଗ

ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଡମ୍ବରୁଧର ଉଲାକାଙ୍କ ଗତକାଲି ବିଳମ୍ବିତ ରାତିରେ ପରଲୋକ ହୋଇଛି। ତାଙ୍କୁ ୮୬ ବର୍ଷ ବୟସ

ହୋଇଥିଲା । ସେ କଂଗ୍ରେସ ଟିକେଟ୍‌ରେ ରାୟଗଡ଼ା ଜିଲ୍ଲା ବିଷମ କଟକରୁ ୫ଥର  ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ୧୯୮୫ ମସିହାରେ ସେ ଅବକାରୀ, ସହର ଉନ୍ନତିକରଣ ଏବଂ ଜଙ୍ଗଲ ଓ ପରିବେଶ ବିଭାଗର ମନ୍ତ୍ରୀ ଥିଲେ । ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି ।

## ଇଣ୍ଡିଆ ସ୍କୁଲ

ସର୍ବୋଚ୍ଚ ମାନର ଦକ୍ଷତା ପ୍ରଦର୍ଶନ ଲକ୍ଷ୍ୟରେ ଆୟୋଜିତ ହେବାକୁ ଥିବା ସର୍ବବୃହତ ଦକ୍ଷତା ପ୍ରତିଯୋଗିତା ଇଣ୍ଡିଆ ସ୍କିଲ୍ସ କମ୍ପିଟିସନ୍ ୨୦୨୪ ଆଜି ନୂଆଦିଲ୍ଲୀ ଠାରେ ଆରମ୍ଭ ହୋଇଛି । ଦକ୍ଷତା ବିକାଶ ଓ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏହି ପ୍ରତିଯୋଗିତାରେ ୩୦ରୁ ଅଧିକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୯ଶହରୁ ଅଧିକ ଛାତ୍ରଛାତ୍ରୀଙ୍କ ସହ ୪୦୦ରୁ ଅଧିକ ଶିଳ୍ପ ବିଶେଷଜ୍ଞ ମଧ୍ୟ ଅଂଶଗ୍ରହଣ କରୁଛନ୍ତି । ୪ ଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ପାରମ୍ପରିକ ହସ୍ତଶିଳ୍ପଠାରୁ ଆରମ୍ଭ କରି ଅତ୍ୟାଧୁନିକ ଜ୍ଞାନକୌଶଳ ପର୍ଯ୍ୟନ୍ତ ୬୧ଟି ବର୍ଗରେ ପ୍ରତିଯୋଗୀମାନେ ନିଜର ଦକ୍ଷତା ଓ ପ୍ରତିଭା ପ୍ରଦର୍ଶନ କରିପାରିବାର ସୁଯୋଗ ପାଉଛନ୍ତି । ଏଥିରେ ଓଡ଼ିଶା ସ୍କିଲ୍‌ସରୁ ୬୪ ଜଣ ପ୍ରତିଯୋଗୀ ଭାଗ ନେଉଛନ୍ତି । ଏହି ପ୍ରତିଯୋଗିତା ପ୍ରତି ଦୁଇ ବର୍ଷରେ ଅନୁଷ୍ଠିତ ହୋଇଥାଏ । ଇଣ୍ଡିଆ ସ୍କିଲ୍ସର ବିଜେତାମାନେ ଚଳିତ ବର୍ଷ ସେପ୍ଟେମ୍ବର ମାସରେ ଫ୍ରାନ୍ସର ଲିଓନ୍ ଠାରେ ହେବାକୁ ଥିବା ବିଶ୍ୱ ସ୍କିଲ୍ସ ପ୍ରତିଯୋଗିତା

ପାଇଁ ପ୍ରସ୍ତୁତ ହେବେ, ଯେଉଁଥିରେ ୭୦ରୁ ଅଧିକ ଦେଶର ଏକ ହଜାର ୫୦୦ ପ୍ରତିଯୋଗୀ ଯୋଗଦେବେ ।

## ରଥ ନିର୍ମାଣ କାର୍ଯ୍ୟ

ପୁରୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଚତୁର୍ଥ ଦିନ ଶେଷ ସୁଦ୍ଧା ୩ ରଥର ୪୨ଟି 'ତୁମ୍ବ'ରୁ ୨୪ଟି 'ତୁମ୍ବବୋଳା' ବା ଗୋଲେଇ କାମ ଶେଷ ହୋଇଛି। ଏଥିମଧ୍ୟରୁ ତାଳଧ୍ୱଜ, ଦର୍ପଦଳନ, ନନ୍ଦିଘୋଷ ରଥର ୮ଟି 'ତୁମ୍ବବୋଳା' କାମ ଶେଷ ହୋଇଛି। ଏହାପରେ ସେଥିରେ ବିନ୍ଧ କରାଯାଇ ପହି ଏବଂ ଅର ସଂଯୋଗ କରାଯିବ। ସେହିପରି ଦୋଳବେଦୀ କୋଣ ଅସ୍ଥାୟୀ କମାରଶାଳରେ ଓଝା ତଥା କମାର ସେବକମାନେ ରଥ ନିର୍ମାଣ ପାଇଁ କଣ୍ଟାକବ୍‌ଜା ପ୍ରସ୍ତୁତ କରିଛନ୍ତି।

***Desk***

# ପରିବାର ଦିବସ

ପରିବାରର ଗୁରୁତ୍ୱ ଓ ସୁସ୍ଥ ସମାଜ ଗଠନ ଦିଗରେ ପରିବାରର ଭୂମିକା ସମ୍ପର୍କରେ ସମସ୍ତଙ୍କୁ ସଚେତନ କରାଇବା ଲାଗି ଆଜି ଅନ୍ତର୍ଜାତୀୟ ପରିବାର ଦିବସ ପାଳନ କରାଯାଉଛି । ମିଳିତ ଜାତିସଂଘ ପକ୍ଷରୁ ୧୯୯୪ ମସିହାରେ ସମାଜରେ ପରିବାରର ଗୁରୁତ୍ୱକୁ ଉପଲବ୍ଧି କରି ଆଜିର ଦିନକୁ ପରିବାର ଦିବସ ଭାବେ ପାଳନ କରିବା ଲାଗି ନିଷ୍ପତ୍ତି ନିଆଯାଇଥିଲା । ଚଳିତବର୍ଷ ଅନ୍ତର୍ଜାତୀୟ ପରିବାର ଦିବସର ବିଷୟ ରହିଛି 'ପରିବାର ଓ ଜଳବାୟୁ ପରିବର୍ତ୍ତନ' । ଜଳବାୟୁ ପରିବର୍ତ୍ତନର

ପରିବାର ଉପରେ ପ୍ରଭାବ ଏବଂ ଏହାର ମୁକାବିଲା ଲାଗି ପରିବାର ପକ୍ଷରୁ କେଉଁପ୍ରକାର ପଦକ୍ଷେପ ନିଆଯାଇପାରିବ ସେଥିନେଇ ଏହି ଦିବସରେ ବାର୍ତ୍ତା ପ୍ରଦାନ କରାଯାଉଛି ।

# ଖେଳକୁଦ ଦିବସ

ଖେଳକୁଦର ମହତ୍ୱକୁ ଦର୍ଶାଇବା ପାଇଁ ସମଗ୍ର ବିଶ୍ୱରେ ଆଜି ବିଶ୍ୱ ଆଥ୍‌ଲେଟିକ ଦିବସ ପାଳିତ ହେଉଛି । ଅନ୍ତର୍ଜାତୀୟ ସୌଖିନ ଆଥ୍‌ଲେଟିକ୍ ମହାସଂଘର ନିଷ୍ପତ୍ତି ଅନୁସାରେ ୧୯୯୬ ମସିହାରୁ ଆଜିର ଦିନକୁ ବିଶ୍ୱ ଆଥ୍‌ଲେଟିକ ଦିବସ ଭାବେ ପାଳନ କରାଯାଉଛି । ଯୁବଗୋଷ୍ଠୀ ଏବଂ ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ଖେଳକୁଦର ମହନୀୟତା ସମ୍ପର୍କରେ ସଚେତନ କରାଇବା ଲାଗି ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।

## ପାଣିପାଗ

ରାଜ୍ୟରେ ଆସନ୍ତା ଦୁଇଦିନପରେ ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, ନବରଙ୍ଗପୁର, ବଲାଙ୍ଗୀର, କନ୍ଧମାଳ, କଳାହାଣ୍ଡି, ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ, ବାଲେଶ୍ୱର, ଯାଜପୁର ଜିଲ୍ଲାର କେତେକ ଅଞ୍ଚଳରେ କାଳବୈଶାଖୀ ଜନିତ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ଅଛି ।